# Akashvani, Sambalpur

## SAMBALPURI NEWS BULLETIN

### 3 April 2024- 6.47- 6.52 am.

*******************************************

ଭୋଟ ଡ୍ୟୁଟି- ସ୍ୱତନ୍ତ୍ର ଛୁଟି ଆର୍‌ଏନ୍‌ୟୁ / ସମ୍ବଲପୁର

ସାଧାରଣ ନିର୍ବାଚନ୍ କାମ୍‌ଥି ନିୟୋଜିତ ହେଇଥିବା ସର୍‌କାରୀ କର୍ମଚାରୀମାନ୍‌କର୍ ଲାଗି ରାଜ୍ୟ ସର୍‌କାର୍ ଗୁଟେ ଦିନ ସ୍ୱତନ୍ତ୍ର ସାମୟିକ ଛୁଟି ଘୋଷ୍‌ନା କରିଛନ୍ । ଯେନ୍ ସର୍‌କାରୀ କର୍ମଚାରୀମାନେ ସାଧାରଣ ନିର୍ବାଚନ୍‌ଥି ନିୟୋଜିତ ହେବେ ସେମାନ୍‌କୁ ଡ୍ୟୁଟି ଉତାରୁ ଗୁଟେ ଦିନ୍ ଇ ଛୁଟି ଦିଆଯିବା । ଇ ବାବ୍‌ଦେ ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ କୁମାର୍ ଜେନା ସବୁ ବିଭାଗ୍ ଆର୍ ବିଭାଗୀୟ ମୁଖ୍ୟମାନ୍‌କୁ ଜନେଇଛନ୍ ।

ସେନ୍ତା ଯେନ୍ ସର୍‌କାରୀ କର୍ମଚାରୀମାନ୍‌କୁ ଦୂର୍ ଜାଗା ନ ଥିବା ନିଜର୍ ମତଦାନ୍ କେନ୍ଦ୍ରକେ ଯାଇକରି ଭୋଟ୍ ଦେବାର୍ ଅଛେ, ସେମାନ୍‌କୁ ସବୁନୁ ଅଏତ୍‌କା ୨ ଦିନ୍ ଲାଗି ସ୍ୱତନ୍ତ୍ର ସାମୟିକ ଛୁଟି ମିଲ୍‌ବା । ଇ ବାବ୍‌ଦେ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍

କାର୍ଯ୍ୟାଳୟ ତର୍ଫୁ ରାଜ୍ୟର୍ ରାଜସ୍ୱ ଆୟୁକ୍ତ ଆର୍ ଜିଲ୍ଲା ନିର୍ବାଚନ୍ ଅଧିକାରୀମାନ୍‌କୁ ଭିଲ୍ ଜନେଇ ଦିଆଯାଇଛେ ।

ମିଥ୍ ବନାମ୍ ରିଆଲିଟି ରେଜିଷ୍ଟର’ ଶୁଭାରମ୍ଭ

ଆର୍ଏନ୍‌ୟୁ/ ସମ୍ବଲ୍‌ପୁର୍

ନିର୍ବାଚନ ଆୟୋଗ ତର୍ଫୁ ଗଲାକାଏଲ୍ ‘ମିଥ୍ ବନାମ୍ ରିଆଲିଟି ରେଜିଷ୍ଟର’ର ଶୁଭାରମ୍ଭ କରାଯାଇଛେ । ନୂଆଦିଲ୍ଲୀର ନିର୍ବାଚନ ସଦନ ନ ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର, ନିର୍ବାଚନ ଆୟୁକ୍ତ ଜ୍ଞାନେଶ୍ କୁମାର ଆଉ ସୁଖ୍‌ବୀର ସିଂ ସାନ୍ଧୁ ଇ ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ । ଇଭିଏମ୍, ଭୋଟର ତାଲିକା, ନିର୍ବାଚନ ପରିଚାଳନାକେ ନେଇ କରି ପ୍ରସାର ହେଉଥିବା ଭୁଲ୍ ଖବର୍‌କେ ଇ ପ୍ଲାଟଫର୍ମ ଜରିଏ ରୋକାଯାଇପାର୍‌ବା । ଇତାର୍ ସହେତେ ଭିନ୍ ଭିନ୍ ସୂଚନାର ଯାଂଚ୍ ଭିଲ୍ କରିହେବା । ସାଧାରଣ ଲୋକ୍‌ମାନେ ନିର୍ବାଚନ ଆୟୋଗଙ୍କ ୱେବସାଇଟ୍‌କେ ଯାଇ କରି ‘ମିଥ୍ ବନାମ୍ ରିଆଲିଟି ରେଜିଷ୍ଟର’ ଲିଙ୍କ୍ ନ କ୍ଲିକ୍ କରି କରି ଇ ପ୍ଲାଟଫର୍ମର ସେବା ନେଇପାର୍‌ବେ । ଇତାର୍ ସହେତେ ଇ ପ୍ଲାଟ୍‌ଫର୍ମ ନ ଥିବା ଭିନ୍ ଭିନ୍ ସୂଚନାକେ ଭିଲ୍ ସାମାଜିକ

ଗଣମାଧ୍ୟମଥି ସେୟାର୍ କରିହେବା ବଲି ନିର୍ବାଚନ ଆୟୋଗଙ୍କର୍ ତର୍ଫୁ କୁହାଯାଇଛେ ।

ନିର୍ବାଚନ୍ ଅବଜର୍ଭର୍ସ ନିଯୁକ୍ତି ଆର୍ଏନ୍ୟୁ/ କଟକ୍

ଭାରତର ନିର୍ବାଚନ୍ ଆୟୋଗ ଗଲାକାଏଲ୍ ଓଡ଼ିଶା ସହେତେ ୬ ଟା ରାଜ୍ୟ ଲାଗି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ । ଇ ପର୍ଯ୍ୟବେକ୍ଷକ୍‌ମାନେ ଓଡ଼ିଶା, ପଶ୍ଚିମବଙ୍ଗ, ଉତର୍ପ୍ରଦେଶ୍, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ୍ଥି ନିରାପତାରକ୍ଷୀ ମୁତୟନ ଆର୍ ଭୋଟିଂ ମେସିନ୍ ପୁହୁଁଚାବାର୍ ବାଗିର୍ କାମ୍ର ତଦାରଖ୍ କର୍‌ବେ । ସେମାନେ ରାଜ୍ୟ ମୁଖ୍ୟ କାର୍ଯ୍ୟାଲୟ ନ ରହେବେ ଆର୍ ଦର୍କାର୍ ପଡ୍‌ଲେ ଉତେଜନାପ୍ରବଣ ଇଲାକାମାନ୍‌କେ ଯାଇକରି ଆଂଚଲିକ୍ ମୁଖ୍ୟ ଆଉ ନୋଡ଼ାଲ୍ ଅଫିସର୍‌ମାନ୍‌କର୍‌ନୁ ତଥ୍ୟ ସଂଗ୍ରହ କର୍‌ବେ । ଇମାନେ ସୀମ୍‌ନା ଇଲାକା ଉପ୍‌ରେ ଅଏତ୍‌କା ଧ୍ୟାନ୍ ଦେବେ । ଇତାର୍‌ସହେତେ ନିର୍ବାଚନ୍ ଆୟୋଗ୍ ଓଡ଼ିଶା, ଆନ୍ଧ୍ରପ୍ରଦେଶ୍, କର୍ଣ୍ଣାଟକ୍, ତାମିଲ୍‌ନାଡୁ ଆର୍ ଉତର୍ପ୍ରଦେଶ୍ ଲାଗି ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ୍‌ମାନ୍‌କୁ ନିଯୁକ୍ତି ଦେଇଛନ୍ ।

ପ୍ରଧାନ୍ ମୁଖ୍ୟ ଆୟକର କମିଶନର ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶାର୍ ପ୍ରଧାନ୍ ମୁଖ୍ୟ ଆୟକର କମିଶନର୍ ଭାବେ ମନୋରଞ୍ଜନ୍ ପାଣିଗ୍ରାହୀ ଅତିରିକ୍ତ ଦାୟିତ୍ୱ ଗ୍ରହଣ୍ କରିଛନ୍ । ଇତାର୍‌ସାଙ୍ଗେ ସେ ବିହାର୍, ଝାର୍‌ଖଣ୍ଡ୍‌ର ଦାୟିତ୍ୱଥି ଭିଲ୍ ରହେବେ । ଇତାର୍ ଆଘୋନୁ ଶ୍ରୀ ପାଣିଗ୍ରାହୀ ପଶ୍ଚିମବଙ୍ଗ ଆର୍ ସିକିମ୍‌ର ଅତିରିକ୍ତ ଦାୟିତ୍ୱଥି ଥିଲେ ।

ଯୁକ୍ତ ଦୁଇ ପରୀକ୍ଷା ଖାତା ଦେଖା ଆର୍‌ଏନ୍‌ୟୁ / ସମ୍ବଲପୁର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍-ସିଏଚ୍‌ଏସ୍‌ଇ ତର୍‌ଫୁ ପରିଚାଲିତ୍ ଯୁକ୍ତ ଦୁଇ ପରୀକ୍ଷାର୍ ଖାତା ଦେଖା ଧାରିଜ୍ ସମିଆକେ ଆଉ ୨ ଦିନ୍ ବଢ଼ାଯାଇଛେ । ଗଲାକାଏଲ୍‌ତକ୍ ଇ ଖାତାଦେଖା କାମ୍ ସାର୍‌ବାର୍ ଥିଲା । ଆଏବା ୬ ତାରିଖ୍‌ନୁ ୨ ନମ୍ବର୍ ଖେପ୍ ଖାତାଦେଖା ମୁଲ୍ ହେବା ଆଉ ୨୦ ତାରିଖ୍‌ତକ୍ ଚାଲ୍‌ବା । ପହେଲା ଖେପେ୍ ଖାତାଦେଖା ଲାଗି ୬ ହଜାର୍ ୫ ଶହ ଶିକ୍ଷକ୍ ଶିକ୍ଷୟିତ୍ରୀ ଖାତା ଦେଖ୍‌ବାର୍‌କେ ନିୟୋଜିତ ହେଇଛନ୍ । ୨

ନମ୍ବର୍ ଖେପେ ୮ ହଜାର୍ ୬ ଶହ ୧୧ ଝନ୍ ଶିକ୍ଷକ୍ ଶିକ୍ଷୟିତ୍ରୀଙ୍କୁ ଖାତା ଦେଖା ଲାଗି ନିଯୁକ୍ତି କରାଯାଇଛେ ।

ୟୁପିଏସ୍‌ସି ମାହାଲିଆ କୋଚିଂ        ଆର୍‌ଏନ୍‌ୟୁ / ସମ୍ବଲପୁର

ୟୁପିଏସ୍‌ସି ମାହାଲିଆ କୋଚିଂ ଲାଗି ଆବେଦନ୍ କାମ୍ ସରିଯାଇଛେ । ସାମ୍ବ ତଥ୍ୟ ଅନ୍‌ସାରେ ଇ ମାହାଲିଆ କୋଚିଂ ଲାଗି ୬ ହଜାର୍ ୯ ଶହ ୭୩ ଝନ୍ ପଞ୍ଜିକରଣ୍ କରିଥିବାର୍ ବେଲେ ଗଲାରାତି ୧୨ ବଜେତକ୍ ୩ ହଜାର୍ ୭ ଶହ ୩୦ ଝନ୍ ଅନ୍‌ଲାଇନ୍‌ଥି ପରୀକ୍ଷା ଫି ଦାଖଲ୍ କରିଛନ୍ । ଆଏବା ୨୯ ତାରିଖ୍ ଦିନ ଏଡ୍‌ମିଟ୍ କାର୍ଡ଼ ସାମ୍ବ ୱେବ୍‌ସାଇଟ୍‌ନୁ ମିଲ୍‌ବା । ଜୁନ୍ ମାସ୍‌ନୁ ପାଠ୍‌ପଢ଼ା ମୁଲ୍ ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ମାର୍ଚ୍ଚ ୧ ତାରିଖ୍‌ନୁ ୟୁପିଏସ୍‌ସି ମାହାଲିଆ କୋଚିଂ ଲାଗି ଆବେଦନ୍ ମୁଲ୍ ହେଇଥିଲା ।

ଆଇଟିଆଇ ନାଁଲେଖା                    ଆର୍‌ଏନ୍‌ୟୁ /  ସମ୍ବଲପୁର

ରାଜ୍ୟର୍ ସର୍‌କାରୀ ଆଉ ବେସର୍‌କାରୀ ଆଇଟିଆଇଥି ୨୦୨୪-୨୫ ବଛର୍ ଲାଗି ନାଁଲେଖାବାର୍‌କେ ଆବେଦନ୍ ମୁଳ୍ ହେଇଛେ । ରାଜ୍ୟର୍ ୪ ଶହ ୯୦ ଟା ଆଇଟିଆଇଥି ୮୩ ହଜାର୍ ୬ ଶହ ୭୬ ଟା ସିଟ୍‌ଥି ନାଁଲେଖା ହେବା । ଗଲାକାଏଲ୍‌ତକ୍ ୫ ଶହ ୨୩ ଝନ୍ ନାଁ ପଞ୍ଜିକରଣ୍ କରିଥିବାର୍ ବେଲେ ଶହେ ୮୩ ଝନ୍ ଅନ୍‌ଲାଇନ୍‌ଥି ଆବେଦନ୍ କରିଛନ୍ । ସେନ୍ତା ଡିପ୍ଲୋମା ଲାଗି ଶହେ ୬୨ ଟା କଲେଜ୍ ନ ୭୦ ହଜାର୍ ୮ ଶହ ୭୬ ଟା ସିଟ୍‌ଥି ନାଁଲେଖା ହେବା । ଇଥିର୍‌ଲାଗି ଗଲାକାଏଲ୍‌ତକ୍ ୬ ଶହ ୪୨ ଝନ୍ ପଞ୍ଜିକରଣ୍ କରିଥିବାର୍ ବେଲେ ୯୯ ଝନ୍ ଆବେଦନ୍ କରିଛନ୍ । ଆଗ୍ରହୀ ଛାତ୍ରଛାତ୍ରୀମାନେ www.samsodisha.gov.in ଥି ନାଁଲେଖା ଲାଗି ଆବେଦନ୍ କରିପାର୍‌ବେ ।

ସମ୍ବଲ୍‌ପୁର୍- ଝାଡ଼ାବାନ୍ତି ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ମହାନଗର୍ ଇଲାକାଥି ଗଲା ମାସେ ଭିତ୍‌ରେ ୩୪ ଝନ୍ ଝାଡ଼ାବାନ୍ତି ଆକ୍ରାନ୍ତ ଚିହ୍ନଟ୍ ହେଇଛନ୍ ବଲି ସିଡିଏମ୍ ଡାକ୍ତର ସୁଜାତା ରାଣୀ ମିଶ୍ର କହିଛନ୍ । ଗଲାକାଏଲ୍ ସାମ୍ବାଦିକ୍‌ମାନ୍‌କୁ ଇ ବାବ୍‌ଦେ ସୂଚ୍‌ନା ଦେଇକରି ଡାକ୍ତର୍ ମିଶ୍ର ଚିହ୍ନଟ୍ ହେଇଥିବା

ଆକ୍ରାନ୍ତ ମାନେ ମୈତ୍ରୀ ବିହାର୍, ଦାନୀପାଲି ଆର୍ ମୁଦିପଡ଼ା ଇଲାକାର୍ ଆନ୍ ଆଉ ଥିତି  ଏଛେନ୍ ପୁରା ଆଏତେ ରହିଛେ ବଲି କହିଛନ୍ । ଇତାର୍‌ସହେତେ ହୀରାକୁଦ୍ ନ ଭିଲ୍ ଥିତି ଆଏତେ ଥିବାର୍ ସହେତେ ଥିତି ଉପ୍‌ରେ ନଜର୍ ରଖାଯାଇଛେ ବଲି ସେ କହିଛନ୍ ।

ପାଣିପାଗ                                ଆର୍‌ଏନ୍‌ୟୁ /  ସମ୍ବଲପୁର

ରାଏଜେ ଆଏଜ୍‌ଠାନୁ ଗରମ୍ ପବନ୍ ବହେବା । ଆଏବା କାଏଲ୍‌ନୁ ୬ ତାରିଖ୍‌ତକ୍ ତାତି ୨ ନୁ ୩ ଡିଗ୍ରୀ ସେଲ୍‌ସିଅସ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ପୂର୍ବାନୁମାନ୍ କରିଛେ । ସେନ୍ତା ୬ ତାରିଖ୍‌ତକ୍ ରାତି ଭିଲ୍ ଜବର୍ ଗରମ୍ ଲାଗ୍‌ବା ଆଉ ଇତାର୍‌ସଙ୍ଗେ ଗୁଲ୍‌ଗୁଲି ହେବା । ରାଏଜେ ଜବର୍ ଗରମ୍‌କେ ନଜର୍‌ଥି ରଖିକେରି ଦିନର୍ ୧୧ ନୁ ୩ ବଜେତକ୍ ଲୋକ୍‌ମାନେ ବାହାରେ ନାଇଁ ବୁଲ୍‌ବାର୍‌କେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସତ୍ୟବ୍ରତ ସାହୁ ସତର୍କ କରେଇଛନ୍ ।